# ସ୍ମରଣୀୟ ନବ ବର୍ଷ

## ଅସହାୟମାନଂକୁ ଶୀତବସ୍ତ୍ର ଓ ମିଷ୍ଟାନ୍ନ ପ୍ରଦାନ -

## ପ୍ରଶାସନିକ ଅଧିକାରୀମାନେ ଆହାର କେନ୍ଦ୍ର ପରିଦର୍ଶନ କରି ନବ ବର୍ଷ ପାଳିଲେ ।

ଅନୁଗୋଳ,ତା.୦୧.୦୧:- ୨୦୨୦ ନବ ବର୍ଷକୁ ସ୍ମରଣୀୟ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଆଜି ବିଭିନ୍ନ ସ୍ୱାଧାର ଗୃହରେ ରହୁଥିବା ଅସହାୟ ମହିଳା ଓ ସେମାନଂକର ପିଲାମାନଂକୁ କମ୍ବଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି , ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ଆସିଷ୍ଟାଣ୍ଟ କଲେକ୍ଟର ସୋଫି ସାଇନିକା ପ୍ରମୁଖ ପଞ୍ଚମହଲାସ୍ଥିତ ଏ ବି ସି ଡି,ମାଲତୀ ବିହାର, ମାଟିଆ ସାହି ଓ ଉଜ୍ଜ୍ୱଳା ସ୍ୱାଧାର ଗୃହକୁ ପରିଦର୍ଶନରେ ଯାଇ ଅନ୍ତେବାସୀମାନଂକ ସହ ବାର୍ତ୍ତାଳାପ କରିବା ସହ ସେମାନଂକର ଖାଦ୍ୟ ପାନୀୟ ଓ ରହିବା ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ନବ ବର୍ଷ ରେ ଅନେକ ଭୋଜି ଭାତ କରି ଖୁସି ମନାଉଥିବାବେଳେ ଜିଲ୍ଲା ପ୍ରଶାସନ ଚଳିତ ବର୍ଷ ଏହାକୁ ଅଭିନବ ଉପାୟରେ ପାଳନ କରିଛି । ସ୍ୱାଧାର ଗୃହରେ ରହୁଥିବା ଅନ୍ତେବାସୀ ଓ ସେମାନଂକର ପିଲାମାନଂକ ସହ ସେମାନଂକର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରି ଅଧିକାରୀମାନେ ସମୟ ବିତାଇଥିଲେ । ମଧ୍ୟାହ୍ନରେ ଅନୁଗୋଳ ବସଷ୍ଟାଣ୍ଡ ନିକଟସ୍ଥ ଆହାର କେନ୍ଦ୍ରକୁ ଅଚାନକ ପରିଦର୍ଶନ କରି ଖାଦ୍ୟର ମାନ ପରଖିବା ସହ ନିଜେ ଟିକେଟ୍ କାଟି ଏହି ୫ ଟଂକିଆ ଖାଦ୍ୟ ଖାଇ ନବ ବର୍ଷ ପାଳିଥିଲେ । ଆହାର କେନ୍ଦ୍ରର ପରିଷ୍କାର ପରିଚ୍ଛନ୍ନତା ଓ ପାନୀୟ ଜଳ ଯୋଗାଣ କାର୍ଯ୍ୟକୁ ବୁଲି ଦେଖିବା ସହ ଆହାର କେନ୍ଦ୍ରରେ ଖାଉଥିବା ଲୋକମାନଂକୁ ଖାଦ୍ୟର ପ୍ରସ୍ତୁତି ଓ ସ୍ୱାଦ ସମ୍ପର୍କରେ ପଚାରି ବୁଝିଥିଲେ । ସ୍ୱାଧାର ଗୃହର ପରିଦର୍ଶନ ସମୟରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ସମାଜ ମଂଗଳ ଅଧିକାରିଣୀ ଶ୍ରୀମତୀ ଆଲମା ବରୁଆ, ପ୍ରୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥ,ଜାତୀୟ ରାଜପଥ ପ୍ରାଧିକରଣର ଭୂ-ଅର୍ଜନ ଅଧିକାରୀ ଶ୍ରୀ ବସନ୍ତ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ,ସ୍ୱେଚ୍ଛାସେବୀ ଶ୍ରୀ କଲ୍ୟାଣ କିଶୋର ମହାନ୍ତିଂକ ସମେତ ସ୍ୱାଧାର ଗୃହ ପରିଚାଳନା ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ପ୍ରକାଶଥାଉ କି, ଏ ବି ସି ଡି ସ୍ୱାଧାର ଗୃହରେ୩୦,ମାଟିଆ ସାହି ସ୍ୱାଧାର ଗୃହରେ ୨୦,ମାଲତୀ ବିହାର ସ୍ୱାଧାର ଗୃହରେ ୩୦ ଓ ଉଜ୍ଜ୍ୱଳରେ ୧୧ ଜଣ ଅସହାୟମହିଳା ଓ ଛୋଟ ପିଲାମାନେ ରହୁଛନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାରେ ସରକାରୀ ଅନୁଦାନ ଯୋଗାଇ ଦେଇ ସେମାନଂକୁ ରହିବା ଓ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଛି ।


ABCD SWADHAR GREH
Supported by- Ministry of W&CD Govt. India.
Ministry of W&CD & Mission Sakti, Govt. Odisha
Managed by: The Women Association for Benevolence & Community Development, ABCD, Angul.
Contact Peeson - MOTIRAM JENA, 9437146209, 9337257140


SWADHAR GRE


ଆହାର କେନ୍ଦ୍ର
ଜିଲ୍ଲା ଆହାର ସମିତି - ଅନୁଗୋଳ

